# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 October – 2026

***********************************

## ମୁଖ୍ୟ ସମ୍ବାଦ

- ଡିଜିଟାଲ ଯୁଗର ପ୍ରତିବନ୍ଧକର ମୁକାବିଲା ପାଇଁ ଓଡ଼ିଶା ସୂଚନା ସେବା ନୂତନ ଜ୍ଞାନ, ଦୃଷ୍ଟିକୋଣ ଏବଂ ଉପକରଣ ସହ ବିକଶିତ ହେବ : କହିଲେ ମୁଖ୍ୟମନ୍ତ୍ରୀ

  - ବିଜ୍ଞାପନ ପରିଚାଳନାକୁ ଅଧିକ ସହଜ, ସୁଗମ କରିବା ପାଇଁ 'ସଞ୍ଚାର ଆପ୍'ର କଲେ ଉନ୍ମୋଚନ

- ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ଶେଷ

- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି

- ଗୋଟିଏ ଡାକ ନେଟୱାର୍କ ଅସୀମ ସମ୍ଭାବନାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଡାକ ଦିବସ

ଏବଂ

- ବଙ୍ଗୋପସାଗରରେ ଆସନ୍ତା ମଙ୍ଗଳବାର ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା

# ମୁଖ୍ୟମନ୍ତ୍ରୀ

ଡିଜିଟାଲ ଯୁଗର ପ୍ରତିବନ୍ଧକଗୁଡ଼ିକର ମୁକାବିଲା ପାଇଁ ଓଡ଼ିଶା ସୂଚନା ସେବା ନୂତନ ଜ୍ଞାନ, ଦୃଷ୍ଟିକୋଣ ଏବଂ ଉପକରଣ ସହ ବିକଶିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଓଡ଼ିଶା ସୂଚନା ସେବା ଅଧିକାରୀଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ସାମାଜିକ ଗଣମାଧ୍ୟମର ଉଦୀୟମାନ ଧାରା ଉପରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାମାଜିକ ଗଣମାଧ୍ୟମ ବର୍ତ୍ତମାନ ସମୟରେ କେବଳ ଯୋଗାଯୋଗର ଏକ ମାଧ୍ୟମ ହୋଇ ରହିନାହିଁ। ଏହା ଶାସନ ବ୍ୟବସ୍ଥା ଏବଂ ସରକାରଙ୍କ ପାଇଁ ପରିବର୍ତ୍ତନର ଅପାର ସୁଯୋଗ ଆଣିଦେବା ସହ ନୂତନ ଦାୟିତ୍ୱ ନିର୍ବାହ କରୁଛି। ସାମାଜିକ ଗଣମାଧ୍ୟମ କୃତ୍ରିମ ବୁଦ୍ଧିମତା – ଏଆଇ’ର ଆବିର୍ଭାବ ଯୋଗାଯୋଗର ପରିଭାଷାକୁ ଆହୁରି ବ୍ୟାପକ କରିଛି। ଓଡ଼ିଶା ଭଳି ଏକ ରାଜ୍ୟ ପାଇଁ ଏଆଇ’ର ଅପାର ସମ୍ଭାବନା ରହିଛି। ସରକାରୀ ତଥ୍ୟକୁ ଓଡ଼ିଆ ଓ ଅନ୍ୟାନ୍ୟ ଭାଷାରେ ଉପଲବ୍ଧ କରାଇବା, ସମାଜର ବିଭିନ୍ନ ବର୍ଗ ପାଇଁ ସୁଗମ ଓ ବୋଧଗମ୍ୟ

ଯୋଗାଯୋଗ ସୃଷ୍ଟି କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

**- V/O -**

ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞାପନ ପରିଚାଳନାକୁ ଅଧିକ ସହଜ ଓ ସୁଗମ କରିବା ପାଇଁ ସଞ୍ଚାର ଆପ୍‌ର ଉନ୍ମୋଚନ କରାଯାଇଛି । ଏହି ଆପ୍ ଦ୍ୱାରା ବିଜ୍ଞାପନ ବ୍ୟବସ୍ଥା ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ ହୋଇପାରିବ ।

## ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକଭବନଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ  ରାଜ୍ୟର ସାମଗ୍ରିକ ବିକାଶ, ଜନକଲ୍ୟାଣ ଏବଂ ପ୍ରଗତିଶୀଳ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି ।

## ଛାତ୍ର ସଂସଦ ନିର୍ବାଚନ

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ଗୋଟାଏ ମଧ୍ୟରେ

ନାମାଙ୍କନପତ୍ର ଦାଖଲ ଶେଷ ହୋଇଛି । ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଗୁଡ଼ିକ ଯାଞ୍ଚ କରାଯାଇ ସନ୍ଧ୍ୟା ୫ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ଆସନ୍ତାକାଲି ଦିନ ଗୋଟାଏ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ଆସନ୍ତା ୧୪ ତାରିଖରେ 'ହ୍ୱାଏ ଆଇ ଷ୍ଟାଣ୍ଡ୍ ଫର୍' ସଭା ଅନୁଷ୍ଠିତ ହେବ । ୧୫ ତାରିଖ ଦିନ ଭୋଟ୍ ଗ୍ରହଣ କରାଯାଇ ଫଳାଫଳ ପ୍ରକାଶ ପାଇବ । ୧୬ ତାରିଖ ଦିନ ଶପଥ ଗ୍ରହଣ ଉତ୍ସବ ହେବ ।

ସୂଚନା ଅନୁଯାୟୀ ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଏବଂ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ପାଇଁ ନିର୍ବାଚନ ହେବ । ୨୦୨ଟି ମହାବିଦ୍ୟାଳୟ ଏବଂ ୩ଟି ବିଶ୍ୱବିଦ୍ୟାଳୟରେ ନିର୍ବାଚନ ବଦଳରେ ଛାତ୍ର ସଂସଦ ପାଇଁ ଚୟନ କରାଯିବ ।

## ବିଭାଗୀୟ ସମ୍ମିଳନୀ

ନୂଆଦିଲ୍ଲୀସ୍ଥିତ ସୁଷମା ସ୍ୱରାଜ ଭବନଠାରେ କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଚାଲିଥିବା ବିଭାଗୀୟ ସମ୍ମିଳନୀର ଆଜି ଉଦ୍‌ଯାପନୀ ଦିବସ । କାର୍ଯ୍ୟକ୍ରମରେ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଓ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ମହିଳା ଓ ଶିଶୁବିକାଶ ସହ ଜଡ଼ିତ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରୁଛନ୍ତି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ପରିଡ଼ା କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସଶକ୍ତୀକରଣ ସହ ଜଡ଼ିତ ପ୍ରମୁଖ ଯୋଜନାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ ସେଗୁଡ଼ିକର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚିବା ଉପରେ ନିଜର ମତାମତ ରଖିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ

ସମାଜରେ ଶିଶୁଙ୍କ ପୋଷଣକୁ ପ୍ରାଥମିକତା ଦେବା ସହ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା ଏବଂ ନିଶା ବିରୋଧରେ ବ୍ୟାପକ ଜନଆନ୍ଦୋଳନ କରିବା ପାଇଁ ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର, କୁଚିଣ୍ଡାଠାରେ ଅଡିଟୋରିୟମ୍ ଓ ସାଂସ୍କୃତିକ କେନ୍ଦ୍ର ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ସହ ପୋଷଣ ଏବଂ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ଅଙ୍ଗନବାଡ଼ି ଓ ଆଶାକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପୋଷଣ ମାଧ୍ୟମରେ ସୁସ୍ଥ ପରିବାର, ସ୍ୱଚ୍ଛତା ମାଧ୍ୟମରେ ସୁସ୍ଥ ପରିବେଶ ଏବଂ ନିଶାମୁକ୍ତ ସମାଜ ବିରୋଧରେ ସୁରକ୍ଷିତ ଭବିଷ୍ୟତ ସଂକଳ୍ପକୁ ପ୍ରତ୍ୟେକ ହୃଦୟରେ ଜାଗ୍ରତ କରିବାକୁ ହେବ । ଏହି ସଂକଳ୍ପ ପୂରଣ ହେଲେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏଥିସହିତ ସେବା ସଂକଳ୍ପ ଅଭିଯାନ ଅବସରରେ ଆୟୋଜିତ 'ସେବାସେତୁ ଅଭିଯାନ'ରେ ଏକ ସଂକଳ୍ପପାଠ ଅନୁଷ୍ଠିତ ହୋଇଯାଇଛି ।

# ଗୋପବନ୍ଧୁ ଜୟନ୍ତୀ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାମ୍ବାଦିକ, କବି, ଲେଖକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଜି ୧୪୯ତମ ଜୟନ୍ତୀ ପାଳନ କରାଯାଉଛି। ବିଧାନସଭା ପରିସରରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ' ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଅସ୍ମିତାର ଏକ ଗୌରବମୟ ପ୍ରତୀକ ଥିଲେ ଏବଂ ତାଙ୍କ ତ୍ୟାଗ, ସମର୍ପଣ ଓ ନିଷ୍ଠାରେ ଅନୁପ୍ରାଣିତ ହେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ପଣ୍ଡିତ ଗୋପବନ୍ଧୁ ଥିଲେ ଆଧୁନିକ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ।

ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

ମାଲକାନଗିରି ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗୋପବନ୍ଧୁଙ୍କ ସମାଜସେବା, ସାମ୍ବାଦିକତା ଏବଂ ଓଡ଼ିଶା ଗଠନ କ୍ଷେତ୍ରରେ ତାଙ୍କ ଅବଦାନକୁ ସ୍ମରଣ କରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## ଡାକ ଦିବସ

ଡାକସେବା ଏବଂ ଡାକ ବିଭାଗ ବିଷୟରେ ଜନସଚେତନତା ସୃଷ୍ଟି ଲାଗି ଆଜି ବିଶ୍ୱ ଡାକ ଦିବସ ପାଳନ କରାଯାଉଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି "ଗୋଟିଏ ଡାକ ନେଟୱାର୍କ, ଅସୀମ ସମ୍ଭାବନା"। ୧୯୬୯ ମସିହାରେ ଜାପାନର ଟୋକିଓଠାରେ ୟୁନିଭର୍ସିଆଲ ପୋଷ୍ଟାଲ ୟୁନିଅନର ଅଧିବେଶନରେ ଭାରତ ପକ୍ଷରୁ ଆଜିର ଦିନକୁ ବିଶ୍ୱ ଡାକ ଦିବସ ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସର୍ବସମ୍ମତିକ୍ରମେ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଏହା ପୂର୍ବରୁ ୧୮୭୬ ମସିହା ଜୁଲାଇ ୧ ତାରିଖରେ ଭାରତ ପ୍ରଥମ ଏସିଆ ଦେଶଗୁଡ଼ିକରେ ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନ୍‌ର ସଦସ୍ୟ ହୋଇଥିଲା ଏବଂ ୧୮୫୪ ମସିହା ଅକ୍ଟୋବର ମାସ ୧ ତାରିଖରେ ଭାରତ ସରକାର ଡାକ ପାଇଁ ଏକ ବିଭାଗ ପ୍ରତିଷ୍ଠା କରିଥିଲେ। କଲିକତାରେ ଭାରତର ପ୍ରଥମ ଡାକଘର ସ୍ଥାପନା କରାଯାଇଥିଲା। ବିଶ୍ୱର ସର୍ବାଧିକ ଡାକଘର ଭାରତରେ ଥିବା ଜଣାପଡ଼ିଛି।

## ସେବା ସଂକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ସେବାସଂକଳ୍ପର ଆଜିର ଧାରାବାହିକରେ ଶୁଣନ୍ତୁ **"ଆତ୍ମନିର୍ଭର ଭାରତ"** ସମ୍ପର୍କରେ...

ଭାରତର ଅର୍ଥନୀତି ଅଭିବୃଦ୍ଧି ସହ ନିଜସ୍ୱ ଉତ୍ପାଦନ ଦ୍ୱାରା ଆନ୍ତର୍ଜାତୀୟ ସ୍ତରରେ ଆତ୍ମନିର୍ଭର ହୋଇ ଆମଦାନୀ ହ୍ରାସ କରିବା ପାଇଁ ୨୦୨୦ ମସିହା ମେ ମାସ ୧୨ ତାରିଖରେ ଆତ୍ମନିର୍ଭର ଭାରତ ଅଭିଯାନ ଆରମ୍ଭ ହୋଇଥିଲା। ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ଦେବା, ଦେଶର ଉଦ୍ୟୋଗୀ, କୃଷକ, ଶ୍ରମିକ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହାର ପାଞ୍ଚଟି ମୁଖ୍ୟ ସ୍ତମ୍ଭ ହେଉଛି - ଅର୍ଥନୀତି, ଭିତ୍ତିଭୂମି, ଆଧୁନିକ ବ୍ୟବସ୍ଥା, ଜନସଂଖ୍ୟା ଏବଂ ଚାହିଦା। ରାୟଗଡ଼ା ଜିଲ୍ଲାରେ ଆତ୍ମନିର୍ଭର ଭାରତ ଅନ୍ତର୍ଗତ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ବହୁ ଉଦ୍ୟୋଗୀ ଓ ଯୁବବର୍ଗ ଲାଭବାନ ହୋଇଛନ୍ତି। ଏ

ସମ୍ପର୍କରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମର ହିତାଧିକାରୀ ସତ୍ୟଜିତ୍ ହୋତା କହିଛନ୍ତି .......

**- V/O -**

ସ୍ୱଦେଶୀ ଉତ୍ପାଦନ, ନିଜ ଦେଶର ପ୍ରତିଭାକୁ ସୁଯୋଗ ଏବଂ ନୂତନ ଉଦ୍ୟୋଗକୁ ପ୍ରୋତ୍ସାହନ ଦିଗରେ ଆଗେଇଚାଲିଲେ ଆତ୍ମନିର୍ଭର ଭାରତର ସଂକଳ୍ପ ଅଧିକ ସୁଦୃଢ଼ ହୋଇପାରିବ।

ରାୟଗଡ଼ାରୁ ସୀମାଞ୍ଚଳ ପଣ୍ଡାଙ୍କ ରିପୋର୍ଟ ସହ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ସିଏସ୍ଆଇଆର୍ - ଆଇଏମ୍ଏମ୍ଟି ଅନୁଷ୍ଠାନ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟେରାକୋଟା, ସ୍ୱଳ୍ପମୂଲ୍ୟରେ ବହୁମୁଖୀ ବାୟୋମାସ୍କ ବେକେରୀ ଚୁଲା, ପାନୀୟ ଜଳ ବିଶୋଧନ ଆଦି ବିଭିନ୍ନ ବିଷୟ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଜିଲ୍ଲାର ୭୦ ଜଣ ଅଂଶଗ୍ରହଣ କରିଥିଲେ।

# ବିଶ୍ୱ ଅଣ୍ଡା ଦିବସ

ମନୁଷ୍ୟ ଖାଦ୍ୟରେ ଅଣ୍ଡାର ପୌଷ୍ଟିକ ଗୁଣ ଏବଂ ସ୍ୱାସ୍ଥ୍ୟଗତ ଉପକାରିତା ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ମାସର ଦ୍ୱିତୀୟ ଶୁକ୍ରବାରରେ ବିଶ୍ୱ ଅଣ୍ଡା ଦିବସ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି "ପ୍ରୋଟିନ୍ ଯାହା ଶକ୍ତି ଯୋଗାଏ ଓ ସୁରକ୍ଷା ଦିଏ"। ୧୯୯୬ ମସିହା ଅଷ୍ଟ୍ରିଆର ଭିଏନାଠାରେ ଅନୁଷ୍ଠିତ 'ଇଣ୍ଟରନ୍ୟାସନାଲ ଏଗ୍ ମିଶନ - ଆଇଇସି' ସମ୍ମିଳନୀରେ ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅଣ୍ଡାକୁ ପ୍ରକୃତିର ସବୁଠାରୁ ଉତ୍ତମ ପ୍ରୋଟିନ୍, ଭିଟାମିନ୍ ଓ ମିନେରାଲ୍‌ସର ଉତ୍ସ ଭାବେ ଗଣାଯାଏ। ଭୁବନେଶ୍ୱରଠାରେ ଆଜି ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳନ ହୋଇଯାଇଛି। ଏଥିରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ବ୍ୟାବସାୟିକ ଅଣ୍ଡାଦିଆ କୁକୁଡ଼ା ଯୋଜନାର ଶୁଭାରମ୍ଭ କରିଛନ୍ତି।

## ପାଣିପାଗ

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆସନ୍ତା ମଙ୍ଗଳବାର ସୁଦ୍ଧା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଥାଇଲାଣ୍ଡ ଉପସାଗର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହା ଆସନ୍ତା ରବିବାର ସୁଦ୍ଧା ଆଣ୍ଡାମାନ ସାଗର

ମଧ୍ୟକୁ ପ୍ରବେଶ କରିବ। ଏହାର ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।